**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ବାଲେଶ୍ୱର**

**(ଭୂମି ଅର୍ଜନ ବିଭାଗ)**

***

ନୋଟିସ

ସଂଖ୍ୟା: ୧୪୩

ତା: ୧୩/୦୭/୨୦୨୪

ଏତଦ୍ୱାରା ରେଣୁପଦା ଏବଂ ବରଡା ଗ୍ରାମ ର ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ଗ୍ରାମରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ ର **(Odisha State SIA Unit, NCDS, Bhubaneswar)** ସହଯୋଗରେ, ମାନବାଧିକାର ସାମାଜିକ ମଞ୍ଚ, ନୂଆଦିଲ୍ଲୀ ଙ୍କ ଦ୍ୱାରା ଏକ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ **(Draft SIA Report)** ପ୍ରସ୍ତୁତ କରାଯାଇଅଛି । ଉକ୍ତ ବିବରଣୀ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀ ମାନଙ୍କ ସୁଚିନ୍ତିତ ମତାମତ ନେବା ପାଇଁ ଆସନ୍ତା ତା: ୨୮/୦୭/୨୦୨୪ ରିଖ ଦିବା ୧୦ ଘଟିକା ସମୟରେ ମୁକୁଲିସି ଗ୍ରାମ ପଞ୍ଚାୟତର ସୀତାପୁର ଖେଳପଡିଆ ଠାରେ ଜନଶୁଣାଣି ସଭା ସରପଞ୍ଚ ଙ୍କ ଅଧକ୍ଷତା ରେ ଆୟୋଜିତ ହେବାର ସ୍ଥିରିକୃତ ହୋଇଅଛି । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଉକ୍ତ ଜନଶୁଣାଣି ସଭାରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ନିଜର ମତାମତ ଉପସ୍ଥାପନା କରିପାରିବେ । ସାମାଜିକ ଆକଳନ ବିବରଣୀ **(SIA Report)** ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବସ୍ତା ତହସିଲ କାର୍ଯ୍ୟାଳୟ ଏବଂ ମୁକୁଲିସି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ଅଛି ।

ଭୂ-ଅର୍ଜନ ଅଧିକାରୀ,
ବାଲେଶ୍ୱର

**ପରି ପତ୍ର ସଂଖ୍ୟା** ୧୪୪ /ଭୂ- ଅ., ତା . ୧୩/୦୭/୨୦୨୪

ଏହାର ଏକାକିତା ନକଲ ଉପଜିଲ୍ଲାପାଳ, ବାଲେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ଭୂ-ଅର୍ଜନ ଅଧିକାରୀ,
ବାଲେଶ୍ୱର

**ପରି ପତ୍ର ସଂଖ୍ୟା** ୧୪୪ **/ଭୂ- ଅ., ତା .** ୧୩/୦୭/୨୦୨୪

ଏହାର ଏକାକିତା ନକଲ ସିଜିଏମ, IDCO ଭୁବନେଶ୍ବର/ ଡ଼ି ଏଚ, IDCO, ବାଲେଶ୍ୱର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବସ୍ତା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ଏହାର ଏକାକିତା ନକଲ ତହସିଲଦାର, ବସ୍ତା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ଏବଂ ଉକ୍ତ ନୋଟିସ କୁ ପ୍ରଭାବିତ ଗ୍ରାମ/ୱାର୍ଡ ରେ ଆପାତତଃ ଦୁଇ ଜଣ ଗ୍ରାମବାସୀଙ୍କ ଉପସ୍ଥିତିରେ ଜାରି କରି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ କରିବାକୁ ଅନୁରୋଧ କରାଗଲା ।

**ଭୂ-ଅର୍ଜନ ଅଧିକାରୀ,**
**ବାଲେଶ୍ୱର**

**ପରି ପତ୍ର ସଂଖ୍ୟା** ୧୪୫ **/ଭୂ- ଅ., ତା .** ୧୩/୦୭/୨୦୨୪

ଏହାର ଏକାକିତା ନକଲ ଆଇ.ଆଇ.ସି. ବିସ୍ତା ଥାନା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଯଦି କିଛି ଗଣ୍ଡଗୋଳ ଉପୁଜିବାର ସମ୍ଭାବନା ଥାଏ, ଜନଶୁଣାଣି ର ଅବ୍ୟବହିତ ପୂର୍ବରୁ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଗଲା ।

**ଭୂ-ଅର୍ଜନ ଅଧିକାରୀ,**
**ବାଲେଶ୍ୱର**

**ପରି ପତ୍ର ସଂଖ୍ୟା** ୧୪୬ **/ଭୂ- ଅ., ତା .** ୧୩/୦୭/୨୦୨୪

ଏହାର ଏକାକିତା ନକଲ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ.) ଭୁବନେଶ୍ବର, ଓଡିଶା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହି ସହଯୋଗ କରିବାକୁ ଅନୁରୋଧ କରାଗଲା ।

ଏହାର ଏକାକିତା ନକଲ ସରପଞ୍ଚ, ମୁକୁଲିସି/ ସମ୍ପୃକ୍ତ ପଞ୍ଚାୟତ ସମିତିସଭ୍ୟ/ ଜିଲ୍ଲାପରିଷଦ ସଦ୍ୟସଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଜନଶୁଣାଣି ରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

**ଭୂ-ଅର୍ଜନ ଅଧିକାରୀ,**
**ବାଲେଶ୍ୱର**

**ପରି ପତ୍ର ସଂଖ୍ୟା** ୧୪୭ **/ଭୂ- ଅ., ତା .** ୧୩/୦୭/୨୦୨୪

ଏହାର ଏକାକିତା ନକଲ NIC, ଅଧିକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ,ବାଲେଶ୍ୱରଙ୍କୁ ଜିଲ୍ଲା NIC ପୋର୍ଟାଲରେ ଅପଲୋଡ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ P.A. to Collector/Steno to Addl. District Magistrate, Balasore ନିକଟକୁ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଭୂ-ଅର୍ଜନ ଅଧିକାରୀ,**
**ବାଲେଶ୍ୱର**